# ଜିଆଖତ



## ଧାନ ଫସଲରେ ଜିଆଖତର ଉପକାରିତା

- ଖାଦ୍ୟସାର ଏବଂ ଉପକାରୀ ଅଣୁଜୀବ ସହିତ ମାଟିକୁ ସମୃଦ୍ଧ କରେ । ଯବକ୍ଷାରଯାନ, ଫସଫରସ୍, ଏବଂ ପୋଟାସିୟମ୍ ଭଳି ଅତ୍ୟାବଶ୍ୟକ ଉପାଦାନ ଯୋଗାଇଥାଏ ।
- ପରିବେଶ ଅନୁକୂଳ ଓ ରାସାୟନିକ ସାର ହ୍ରାସ କରେ ଏବଂ ଉଦ୍ଭିଦ ବୃଦ୍ଧି ପାଇଁ ଅବଶ୍ୟକୀୟ ହରମୋନ୍ ଯୋଗାଇଥାଏ ।
- ମୃତ୍ତିକାର ସଂରଚନାରେ ଉନ୍ନତି ଆଣିଥାଏ ।
- ରୋଗକୁ ଦମନ କରିବା ସହିତ କୀଟନାଶକର ପ୍ରୟୋଗକୁ ହ୍ରାସ କରିଥାଏ ।



## ଜିଆଖତର ପ୍ରସ୍ତୁତି ପ୍ରଣାଳୀ

- ଜିଆଖତ ଉତ୍ପାଦନ ପାଇଁ ପ୍ରଥମେ ଜୈବିକ ବର୍ଜ୍ୟବସ୍ତୁ ଯଥା: ପନିପରିବା ଚୋପା, ଫଳ ଚୋପା, ଅନାବନା ଘାସ, ବଗିଚାରୁ ବାହାରୁଥିବା ଶୁଖିଲା ପତ୍ର ଇତ୍ୟାଦି ଜିଆଖତ ପାଇଁ ଉଦ୍ଦିଷ୍ଟ ବେଡରେ ବିଛାନ୍ତୁ। ଏହା ଉପରେ ଅଧାସଢା ଗୋବରର ଏକ ସ୍ତର ବିଛାଇ ଦିଅନ୍ତୁ।
- ଏହିପରି ଭାବେ ଜୈବିକ ବର୍ଜ୍ୟବସ୍ତୁ ଓ ଅଧାସଢା ଗୋବରର ଆସ୍ତରଣ ଗୋଟିଏ ପରେ ଆଉଗୋଟି ଜିଆଖତ ବେଡରେ ବିଛାନ୍ତୁ। ଆର୍ଦ୍ରତା ଏବଂ ସଠିକ ତାପମାତ୍ରା ବଜାୟ ରଖିବା ପାଇଁ ବେଡ଼କୁ ଝୋଟ ଅଖାଦ୍ୱାରା ଘୋଡାଇ ରଖନ୍ତୁ।
- ବର୍ଜ୍ୟବସ୍ତୁ ମିଶାଇବାର ୨ - ୩ ସପ୍ତାହ ପରେ ପ୍ରତି କ୍ୟୁବିକ ମିଟର ପାଇଁ ୧ କିଗ୍ରା ଜିଆ (ବିଶେଷତଃ ଇଜେନିଆ ଫୋଏଟିଡା ପ୍ରଜାତି) ସେଥିରେ ମିଶାଇ ଦିଅନ୍ତୁ ଯାହା ସମଗ୍ର ପଦାର୍ଥକୁ ସଢିବାରେ ସାହାଯ୍ୟ କରିବ ।
- ଆର୍ଦ୍ରତା ସ୍ତରକୁ ନିୟମିତ ଯାଞ୍ଚ କରିବା ସହିତ ପ୍ରତି ୫-୬ ଦିନରେ ଥରେ, ବାୟୁ ଚଳାଚଳ ପାଇଁ ଧୀରେ ଧୀରେ ଓଲୋଟାନ୍ତୁ ।
- ୮-୧୦ ସପ୍ତାହ ପରେ ଏହା ଗାଢ ରଙ୍ଗ ଜିଆଖତରେ ପରିଣତ ହୋଇଯିବ । ତାପରେ ଜିଆଗୁଡିକୁ ଅଲଗା କରି ଏହି ଖତକୁ ଜମିରେ ପୟୋଗ କରିବାପାଇଁ ବ୍ୟବହାର କରନ୍ତୁ ଏବଂ ସେହି ଜିଆଗୁଡିକୁ ଜିଆଖତ ତିଆରି କରିବା ପାଇଁ ପୁନଃ ବ୍ୟବହାର କରନ୍ତୁ ।

International Rice Research Institute
CGIAR

ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ
ପ୍ଲଟ୍ ନଂ. ୩୪୦/ସି, ସହିଦ ନାଗର, ଭୁବନେଶ୍ୱର, ୭୫୧୦୦୭, ଟେଲିଫୋନ୍: +୯୧-୬୭୪-୨୫୮ ୪୯୪୯, www.irri.org